# NATIONAL NEWS BULLETIN (ODIA)
## 25 March - 2025
## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ଲୋକସଭାର ଅନୁମୋଦନ ଲାଭ କଲା ଅର୍ଥବିଲ୍ ୨୦୨୫ ।
- ଜାମ୍ମୁ କାଶ୍ମୀରରେ ବିଚ୍ଛିନ୍ନତାବାଦ କାର୍ଯ୍ୟକଳାପକୁ କେନ୍ଦ୍ର ସରକାରଙ୍କ ଅଖଣ୍ଡ ନୀତି ସମ୍ପୂର୍ଣ୍ଣ ରୂପେ ପ୍ରତିହତ କରିଛି, କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ବିପର୍ଯ୍ୟୟ ପରିଚାଳନା ସଂଶୋଧନ ବିଲ୍ ୨୦୨୪ ରାଜ୍ୟସଭାରେ ଗୃହିତ ।
- ଓଡ଼ିଶା ବିଧାନସଭାରେ ବିଶୃଙ୍ଖଳିତ ଆଚରଣ ପାଇଁ ୧୨ ଜଣ କଂଗ୍ରେସ ବିଧାୟକ ୭ଟି କାର୍ଯ୍ୟ ଦିବସ ପାଇଁ ନିଲମ୍ବିତ ।

ଏବଂ

- ଆଇପିଏଲ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି ପଞ୍ଜାବ କିଙ୍ଗସ୍‌କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ଗୁଜରାଟ ଟାଇଟନ୍ସ ।

# ଏଲ୍‌ଏସ୍‌-ଫାଇନାନ୍ସ

ଲୋକସଭାରେ ଆଜି ଅର୍ଥବିଲ୍ ୨୦୨୫ ପାରିତ ହୋଇଛି । ଏହି ବିଲ୍ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସରକାରଙ୍କ ଆର୍ଥିକ ପ୍ରସ୍ତାବ ଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ସହମତି ଦେବ । ବିଲ୍ ଉପରେ ହୋଇଥିବା ଆଲୋଚନାରେ ଭାଗ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଏହି ବିଲ୍ ଟିକସଦାତାଙ୍କୁ ସମ୍ମାନ ଦେବା ସହ ସହଜ ବ୍ୟବସାୟ କରିବାକୁ ଟିକସ ରିହାତି ପ୍ରଦାନ କରିଛି । ନୂଆ ଟିକସ ବ୍ୟବସ୍ଥା ଅନୁଯାୟୀ ବାର୍ଷିକ ୧୨ ଲକ୍ଷ ଟଙ୍କା ଆୟକାରୀମାନଙ୍କ ପାଇଁ କୌଣସି ଆୟକର ଲାଗୁ ହେବ ନାହିଁ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ଆସନ୍ତା ମୌସୁମୀ ଅଧିବେଶନରେ ଆୟକର ବିଲ୍ ଉପରେ ଆଲୋଚନା ହୋଇପାରେ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି ।

୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଏହି ବିଲ୍ ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି । ସୀମା ଶୁଳ୍କ ସଂକ୍ରାନ୍ତ ବିଲ୍ ଉପରେ ଆଲୋକପାତ କରି ସେ କହିଛନ୍ତି, ଶୁଳ୍କ ଢାଞ୍ଚାରେ ପରିବର୍ତ୍ତନ ଦ୍ୱାରା ଉତ୍ପାଦନ ୟୁନିଟ୍ ଗୁଡ଼ିକୁ ସମର୍ଥନ ମିଳିବା ସହ ରପ୍ତାନୀ କ୍ଷେତ୍ର ପ୍ରୋତ୍ସାହିତ ହେବ । ଏହାଦ୍ୱାରା ଦେଶର ବାଣିଜ୍ୟ ଅଧିକ ସୁଗମ ହୋଇପାରିବ ।

ଆସନ୍ତା ଆର୍ଥିକ ବର୍ଷ ବଜେଟ୍‌ରେ କଞ୍ଚାମାଲ୍ ଉପରେ ଶୁଳ୍କ ହ୍ରାସ କରି ଘରୋଇ ଉତ୍ପାଦନକୁ ପ୍ରୋତ୍ସାହନ ପ୍ରଦାନ କରିବା ସହିତ ରପ୍ତାନୀ କ୍ଷେତ୍ରକୁ ତ୍ୱରାନ୍ୱିତ କରିବାର ଲକ୍ଷ୍ୟ ରଖାଯାଇଛି । ଅର୍ଥ ବିଲ୍‌ରେ ଶିଳ୍ପ ସାମଗ୍ରୀ ପାଇଁ ୭ଟି କ୍ଷେତ୍ରରେ ସୀମାଶୁଳ୍କ ପ୍ରତ୍ୟାହାର କରିବାକୁ ପ୍ରସ୍ତାବ ଦିଆଯାଇଛି । ବ୍ୟାଟେରୀ ଚାଳିତ ଯାନବାହନ ଉତ୍ପାଦନକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ୩୫ଟି ଉତ୍ପାଦ ଉପରେ ଶୁଳ୍କ ଛାଡ଼ କରାଯାଇଛି ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି ।

ଷ୍ଟାର୍ଟଅପ୍ କ୍ଷେତ୍ରକୁ ମଧ୍ୟ ଅଧିକ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ବିଲ୍‌ରେ ରହିଥିବା ବ୍ୟବସ୍ଥା ଉପରେ ଅର୍ଥମନ୍ତ୍ରୀ ଆଲୋକପାତ କରିଥିଲେ ।

## ଶାହା–ଜାମ୍ମୁ କାଶ୍ମୀର

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ବିଚ୍ଛିନ୍ନତାବାଦ କାର୍ଯ୍ୟକଳାପ କାଶ୍ମୀରର ଅତୀତ ହୋଇ ରହିଯାଇଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଶାହା କହିଛନ୍ତି, କେନ୍ଦ୍ର ସରକାରଙ୍କ ଅଖଣ୍ଡ ନୀତି ଜାମ୍ମୁ କାଶ୍ମୀରରେ ବିଚ୍ଛିନ୍ନତାବାଦ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ରୂପେ ଦୂର କରିପାରିଛି । ହୁରିୟତ୍ ସହ ଜଡ଼ିତ ଦୁଇଟି ସଂଗଠନ ବିଚ୍ଛିନ୍ନତାବାଦ ସହ ସମସ୍ତ ସମ୍ପର୍କ ଛିନ୍ନ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି । ଜାତୀୟ ଏକତାକୁ ସୁଦୃଢ଼ କରିବା ଦିଗରେ ସେମାନଙ୍କର ଏହି

ପଦକ୍ଷେପକୁ ସ୍ୱାଗତ କରି ଅନ୍ୟ ସମାନ ଗୋଷ୍ଠୀମାନଙ୍କୁ ବିଚ୍ଛିନ୍ନତାବାଦକୁ ପରିତ୍ୟାଗ କରିବାକୁ ସେ ଅନୁରୋଧ କରିଛନ୍ତି । ଏକ ବିକଶିତ, ଶାନ୍ତିପୂର୍ଣ୍ଣ ଏବଂ ଅଖଣ୍ଡ ଭାରତକୁ ପ୍ରୋତ୍ସାହିତ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ଶ୍ରୀ ଶାହା ଉଲ୍ଲେଖ କରିଛନ୍ତି ।

## ଗଡ଼କରୀ ରୋଡ୍ ଆକ୍ସିଡେଣ୍ଟ

ଦେଶରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ୬୦ ପ୍ରତିଶତରୁ ଅଧିକ ଲୋକ ୧୮ରୁ ୪୫ ବର୍ଷ ବୟସର ବୋଲି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି । ନୂଆଦିଲ୍ଲୀରେ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଭାରତର ସହଭାଗିତାରେ ସଡ଼କ ସୁରକ୍ଷା ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରି କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ସଡ଼କ ଦୁର୍ଘଟଣା ଯୋଗୁଁ ଦେଶ ଜି.ଡି.ପି.ର ତିନି ପ୍ରତିଶତ କ୍ଷତି ସହୁଛି । ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ଏହାର କୌଣସି ସମାଧାନ ବାହାର କରିବା ପୂର୍ବରୁ ପ୍ରଥମେ ଦୁର୍ଘଟଣା ପଛର ଉପଯୁକ୍ତ କାରଣ ଆକଳନ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ସରକାରଙ୍କ ଗୁଡ୍ ସାମରିଟାନ୍ସ ଯୋଜନା ଉପରେ ଆଲୋକପାତ କରି ଦୁର୍ଘଟଣାରେ ପୀଡ଼ିତଙ୍କୁ ସାହାଯ୍ୟ କରିଥିବା ଲୋକଙ୍କୁ ୨୫ ହଜାର ଟଙ୍କା ପୁରସ୍କାରର ବ୍ୟବସ୍ଥା ରହିଥିବା ସେ ଦର୍ଶାଇଛନ୍ତି । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଠ୍ୟକ୍ରମରେ ସଡ଼କ ସୁରକ୍ଷା ଶିକ୍ଷା ଅନ୍ତର୍ଭୁକ୍ତ କରିବାକୁ କେନ୍ଦ୍ର ମନ୍ତ୍ରୀ ଆହ୍ୱାନ କରିଛନ୍ତି ।

# କିରଣ ରିଜିଜୁ

ଆସନ୍ତା ୨୦୨୪ ସୁଦ୍ଧା ଭାରତକୁ ଏକ ଆତ୍ମନିର୍ଭରଶୀଳ ରାଷ୍ଟ୍ରରେ ପରିଣତ କରିବାରେ ସଂଖ୍ୟାଲଘୁଙ୍କ ଅବଦାନ ରହିବ ବୋଲି ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି । ନୂଆଦିଲ୍ଲୀରେ ରାଜ୍ୟ ସଂଖ୍ୟାଲଘୁ ସମ୍ମିଳନୀରେ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ ସଂଖ୍ୟାଲଘୁଙ୍କ ଶିକ୍ଷା ଓ ଦକ୍ଷତା ବିକାଶରେ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସରକାର ସଂଖ୍ୟାଲଘୁଙ୍କ ୬ଟି ସମ୍ପ୍ରଦାୟ – ମୁସଲମାନ, ଖ୍ରୀଷ୍ଟିୟାନ୍, ଶିଖ, ବୌଦ୍ଧ, ଜୈନ ଏବଂ ଜୋରାଷ୍ଟିଆନ୍ ମାନଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କରିଛନ୍ତି ବୋଲି ସେ କହିଛନ୍ତି । ଏହି ସମ୍ମିଳନୀରେ ଶିକ୍ଷା, ଅନ୍ତର୍ଭୁକ୍ତିକରଣ ଏବଂ ସଂଖ୍ୟାଲଘୁଙ୍କ ସଶକ୍ତିକରଣ ଉପରେ ଗୁରୁତ୍ୱ ପ୍ରଦାନ କରିବା ପାଇଁ ବିଭିନ୍ନ ଆଲୋଚନା ହୋଇଛି । ଏଥିରେ ବିଭିନ୍ନ ରାଜ୍ୟର ନୀତିନିର୍ଦ୍ଧାରକ, ବିଶେଷଜ୍ଞ ଏବଂ ଅଂଶିଦାରମାନେ ଯୋଗଦେଇ ସଂଖ୍ୟାଲଘୁ ଗୋଷ୍ଠୀକୁ ସମାନ ସୁଯୋଗ ଏବଂ ମଙ୍ଗଳକାରୀ ଯୋଜନା ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ରଣନୀତି ଉପରେ ଆଲୋଚନା କରିଛନ୍ତି ।

# ଆର୍‌ଏସ୍-ଡିଜଷ୍ଟର୍ ମ୍ୟାନେଜ୍‌ମେଣ୍ଟ

ବିପର୍ଯ୍ୟୟ ପରିଚାଳନା ସଂଶୋଧନ ବିଲ୍ ୨୦୨୪ ରାଜ୍ୟସଭାରେ ଆଜି ଗୃହିତ ହେବା ସହ ସଂସଦର ଅନୁମୋଦନ ଲାଭ କରିଛି । ଗତ

ଡିସେମ୍ବର ମାସରେ ଲୋକସଭାରେ ଏହି ବିଲ୍ ପାରିତ ହୋଇଥିଲା । ବିପର୍ଯ୍ୟୟ ପରିଚାଳନା ଆଇନ୍ ୨୦୦୫ରେ ଆବଶ୍ୟକ ସଂଶୋଧନ କରାଯିବା ସହ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟଶୈଳୀକୁ ଏହି ସଂଶୋଧିତ ବିଲ୍ ଅଧିକ ସୁଦୃଢ଼ କରିବ । ଜାତୀୟ ଏବଂ ରାଜ୍ୟ ସ୍ତରରେ ବିପର୍ଯ୍ୟୟ ଯୋଜନା ପ୍ରସ୍ତୁତ କରିବା ପାଇଁ ଏନ୍.ଡି.ଏମ୍.ଏ. ଏବଂ ଏସ୍.ଡି.ଏମ୍.ଏ.କୁ ଏହି ବିଲ୍ କ୍ଷମତା ପ୍ରଦାନ କରିଛି । ରାଜ୍ୟ ସରକାରଙ୍କୁ ପୌର ନିଗମ ସହିତ ରାଜଧାନୀ ଏବଂ ସହରଗୁଡ଼ିକ ପାଇଁ ଏକ ପୃଥକ ସହରାଞ୍ଚଳ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଗଠନ କରିବା ନେଇ ଏହି ବିଲ୍ କ୍ଷମତା ପ୍ରଦାନ କରିଛି । ଜାତୀୟ ଏବଂ ରାଜ୍ୟ ସ୍ତରରେ ବିପର୍ଯ୍ୟୟ ଡାଟାବେଶ୍ ପ୍ରସ୍ତୁତ କରିବାରେ ମଧ୍ୟ ଏହି ବିଲ୍ ସହାୟକ ହେବ ବୋଲି ଜଣାପଡ଼ିଛି । ବିଲ୍ ଆଲୋଚନାର ଉତ୍ତର ଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବିପର୍ଯ୍ୟୟର ପରିସର ଏବେ ବଦଳି ଯାଇଛି ଏବଂ ସେହି ଅନୁଯାଇ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଛନ୍ତି । ଏହି ବିଲ୍ ଜରିଆରେ ବିପର୍ଯ୍ୟୟ ପରିଚାଳନା କେବଳ ସରକାରଙ୍କ ନେତୃତ୍ୱାଧୀନତାରୁ ମୁକ୍ତ ହୋଇ ଏକ ବହୁମୁଖୀ କ୍ଷେତ୍ର ଆଡ଼କୁ ସମ୍ପ୍ରସାରିତ ହେବାକୁ ଯାଉଛି ବୋଲି ଶ୍ରୀ ଶାହା କହିଛନ୍ତି ।

# ଓଡ଼ିଶା ଏମ୍ଏଲ୍ଏ

ଓଡ଼ିଶା ବିଧାନସଭାରେ ବିଶୃଙ୍ଖଳିତ ଆଚରଣ ପାଇଁ ୧୨ ଜଣ କଂଗ୍ରେସ ବିଧାୟକଙ୍କୁ ବାଚସ୍ପତି ନିଲମ୍ବନ କରିଛନ୍ତି । ବିଧାନସଭାର ନୀତି ଓ ନିୟମକୁ ଉଲ୍ଲଙ୍ଘନ କରିବା ତଥା ବିଶୃଙ୍ଖଳା ଆଚରଣ କରିବା ପାଇଁ ସେମାନଙ୍କୁ ୭ଟି କାର୍ଯ୍ୟ ଦିବସ ପାଇଁ ବାଚସ୍ପତି ସୁରମା ପାଢ଼ୀ ନିଲମ୍ବନ କରିଛନ୍ତି । ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏହି ବିଧାୟକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିବା ସ୍ୱରୂପ ଗୃହରେ ପ୍ରସ୍ତାବ ରଖିବା ପରେ ବାଚସ୍ପତି ଏମାନଙ୍କୁ ନିଲମ୍ବନ କରିଥିଲେ ।

# ଇସ୍ରାଏଲ୍-ଗାଜା

ଗାଜା ଉପତ୍ୟକାରେ ଆଜି ଇସ୍ରାଏଲ୍ ଆକ୍ରମଣ ଯୋଗୁଁ  ୨୩ ଜଣ ପାଲେଷ୍ଟାଇନ୍ ଅଧିବାସୀଙ୍କର ମୃତ୍ୟୁ ହୋଇଛି । ପାଲେଷ୍ଟାଇନ୍‌ର ସ୍ୱାସ୍ଥ୍ୟ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଇସ୍ରାଏଲ୍ ସେନା ପକ୍ଷରୁ ଗତ ସପ୍ତାହକ ମଧ୍ୟରେ ଗାଜାରେ ହମାସ ବିରୁଦ୍ଧରେ ହୋଇଥିବା ଅଭିଯାନରେ ୭୦୦ ପାଲେଷ୍ଟାଇନ୍ ଅଧିବାସୀଙ୍କର ମୃତ୍ୟୁ ହୋଇଛି । ଇସ୍ରାଏଲ୍ ଆକ୍ରମଣରେ ପ୍ରଭାବିତ ହୋଇଥିବା ଅଞ୍ଚଳଗୁଡ଼ିକ ମଧ୍ୟରେ ଗାଜା ସିଟି ର ଜାବଲିୟା, ବୈତ୍ ଲାହିଆ, ବୈତ୍ ହାନୁନ୍ ଏବଂ ସେଜାଇଆ ଅଞ୍ଚଳ ରହିଛି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତ୍ୟାନ୍ୟାହୁ

କହିଛନ୍ତି, ଗାଜାରେ ଏ ପର୍ଯ୍ୟନ୍ତ ପଣବନ୍ଦୀ ରହିଥିବା  ଅଣଷଠୀ ଜଣ ଇସ୍ରାଏଲ୍ ନାଗରୀକଙ୍କୁ ମୁକ୍ତ କରିବା ଲାଗି ଇସ୍ରାଏଲ୍ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଉଛି । ଅନ୍ୟ ପକ୍ଷରେ ଜାନୁଆରୀ ୧୯ ତାରିଖରୁ ଦଇପକ୍ଷ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ଅସ୍ତ୍ରବିରତି ଚୁକ୍ତିକୁ ଇସ୍ରାଏଲ୍ ପ୍ରତ୍ୟାହାର କରିନେଇଛି ବୋଲି ହମାସ ଅଭିଯୋଗ କରିଛି । ତେବେ ସୂଚନା ଯୋଗ୍ୟ ଏହି ଚୁକ୍ତିର ସମୟସୀମା ଶେଷ ହେବା ପରେ ଇସ୍ରାଏଲ୍ ପକ୍ଷରୁ ଆକ୍ରମଣକୁ ଜୋର୍‌ଦାର କରାଯାଇଥିବା ଜଣାପଡ଼ିଛି ।

## ୱେ୍ୱବସ୍-ଅକ୍ଷୟ କୁମାର

ମୁମ୍ବାଇରେ ଆସନ୍ତା ମେ ମାସ ପହିଲାରୁ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୱେ୍ୱବସ୍ ୨୦୨୫ ସମ୍ମିଳନୀ ପାଇଁ ଅଭିନେତା ଅକ୍ଷୟ କୁମାର ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏକ ଭିଡ଼ିଓବାର୍ତ୍ତା ପୋଷ୍ଟ କରି ଶ୍ରୀ କୁମାର କହିଛନ୍ତି, ଅଡିଓ ଏବଂ ଭିଜୁଆଲ୍ କ୍ଷେତ୍ରରେ ଏହି ସମ୍ମିଳନୀ ଏକ ମାଇଲ୍‌ଖୁଣ୍ଟ ହେବ । ସମଗ୍ର ବିଶ୍ୱର ଚଳଚ୍ଚିତ୍ର ନିର୍ମାତାଙ୍କ ପାଇଁ ଏହା ଏକ ଉପଯୁକ୍ତ ମଞ୍ଚ ହେବା ସହିତ ମନୋରଂଜନ ଭବିଷ୍ୟତକୁ ଅଧିକ ତ୍ୱରାନ୍ୱିତ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଏଭଳି ସମ୍ମିଳନୀ ଭାରତକୁ ବିଶ୍ୱସ୍ତରୀୟ ମଞ୍ଚରେ ଉପସ୍ଥାପନ କରିବାକୁ ସହାୟତା ପ୍ରଦାନ କରିବ । ଦକ୍ଷତା ବିକାଶ, ଉଦ୍ୟୋଗ ଏବଂ

ଆନ୍ତର୍ଜାତିକ ସହଯୋଗକୁ ଏହି ସମ୍ମିଳନୀ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ସେ କହିଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଅହମ୍ମଦାବାଦ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଆଉ ଅଳ୍ପ ସମୟ ପରେ ଗୁଜରାଟ ଟାଇଟନ୍ସ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ମୁକାବିଲା ଆରମ୍ଭ ହେବ । ଟସ୍ ଜିତି ଗୁଜରାଟ ଟାଇଟନ୍ସ ପଞ୍ଜାବ କିଙ୍ଗସ୍‌କୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି ।

ବିଶାଖାପଟନମ୍‌ର ୱାଇ.ଏସ୍. ରାଜଶେଖର ରେଡ୍ଡୀ କ୍ରିକେଟ୍ ଷ୍ଟାଡିୟମ୍ ଠାରେ ଖେଳାଯାଇଥିବା ଗତକାଲିର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୧ ୱିକେଟ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍‌କୁ ପରାସ୍ତ କରିଥିଲା ।